Largest Circulated Odia Daily
SAMBAD
ସମ୍ବାଦ
ସର୍ବାଧିକ ପ୍ରଚାରିତ ଓଡ଼ିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT
www.kiit.org

| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଆଜି ଚାଲିଛି ଭୋଟ ଗ୍ରହଣ, ପିଓକେରେ ପାକିସ୍ତାନୀ ସେନା କାଶ୍ମିରୀ ନାଗ

ତାରିଖ : ୧୧/୧୭/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୫.୬ | ୩୦.୫ |
| କଟକ | ୧୪.୯ | ୩୧.୬ |
| ବାଲେଶ୍ୱର | ୧୫.୧ | ୩୦.୩ |
| ଗୋପାଳପୁର | ୧୭.୪ | ୩୧.୧ |
| ଝାରସୁଗୁଡ଼ା | ୧୩.୪ | ୩୦.୬ |

ବିତର୍କ/ମତାମତ ସଂଗ୍ରହ

ସରକାରଙ୍କ ମଦ ନୀତିର କୌଣସି ଲାଇନ୍ ଲେଙ୍ଗ୍ଥ ଅଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- **ଆଇଆରସି ଅଧିବେଶନ ଶେଷ : ଓଡ଼ିଶା ପାଇଁ ୧୧,୦୦୦ କୋଟି ଟଙ୍କାର ଯୋଜନା ଘୋଷିତ**

ଭୁବନେଶ୍ୱର, (ଇମିସ) ଭୁବନେଶ୍ୱରରେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଭାରତୀୟ ସଡକ କଂଗ୍ରେସ (ଆଇଆର୍‌ସି)ର ୬୬ତମ ଅଧିବବେଶନ ଗତ କାଲି ଶେଷ ହୋଇଛି । ଏହି ଅଧିବେଶନର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେବା ଅବସରରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଡକ୍ଟର ରଘୁବଂଶ ପ୍ରସାଦ ସିଂ ଓ ଜାହାଜ ଚଳାଚଳ, ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ଟି.ଆର୍. ବାଲୁ ରାଜ୍ୟର ବିଭିନ୍ନ ପ୍ରକଳ୍ପ ନିମନ୍ତେ ପ୍ରାୟ ୧୧,୦୦୦ କୋଟି ଟଙ୍କାର ଯୋଜନା ଘୋଷଣା କରିଥିଲେ । ଆଇଆର୍‌ସି ଅଧିବେଶନ ଅବସରରେ ଶ୍ରୀ ବାଲୁ ଘୋଷଣା କରିଥିଲେ ଯେ ରାଜ୍ୟର ବହୁ ଦିନର ଦାବି ମୋଟୁ-ମାଲକାନଗିରି- ରାଇରଙ୍ଗପୁର ସଡକ ନିର୍ମାଣ କରାଯିବ । ଏହି ପ୍ରକଳ୍ପ ପାଇଁ ୮୪୯ କୋଟି ଟଙ୍କା ଖର୍ଚ୍ଚ ହେବ ଓ ଏହା ଦ୍ୱାରା ୧୨ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଜନସାଧାରଣ ଉପକୃତ ହେବେ । ସିଏସ୍‌ଏସ୍ ସ୍କିମରେ ବ୍ରାହ୍ମଣୀପାଲ-ହରିଚନ୍ଦ୍ରପୁର-ନାରାୟଣପୁର-କେନ୍ଦୁଝର ସଡକ ନିର୍ମାଣ ହେବ । ଏଥି ପାଇଁ କେନ୍ଦ୍ର ସରକାର ୨୧୦ କୋଟି ଟଙ୍କା ଦେବେ । ଜାତୀୟ ରାଜପଥ ଉନ୍ନୟନ ଯୋଜନା (ଏନ୍‌ଏଚ୍‌ଡିପି)-୩ ଯୋଜନାରେ ଓଡିଶାରେ ମୋଟ ୫୫୨ କିମି ଚାରି ଥାକିଆ ରାସ୍ତା ନିର୍ମାଣ ହେବ । ଏଥିରେ ପ୍ରାୟ ୨୪୦୦ କୋଟି ଟଙ୍କା ବ୍ୟୟ ହେବ । ପାରାଦ୍ୱୀପ ବନ୍ଦର ସଂପ୍ରସାରଣ ପାଇଁ ୨୩୦୦ କୋଟି ଟଙ୍କା ବ୍ୟୟ ହେବ ଓ ଏଠାରେ ୬୮୮ କୋଟି ଟଙ୍କା ବ୍ୟୟରେ କୋଇଲା ବୋଝେଇ ବ୍ୟବସ୍ଥାର ଉନ୍ନତିକରଣ କରାଯିବା ସଂପର୍କରେ ଶ୍ରୀ ବାଲୁ ଘୋଷଣା କରିଛନ୍ତି । ଜାତୀୟ ଜଳପଥ ଯୋଜନାରେ ମହାନଦୀ ସହ ବ୍ରାହ୍ମଣୀକୁ ସଂଯୋଗ କରାଯିବ । ପୂର୍ବତଟ କେନାଲ ଅନ୍ତର୍ଗତ ଏହି ପ୍ରକଳ୍ପରେ ୧୫୨୬ କୋଟି ଟଙ୍କା ବ୍ୟୟ ହେବବୋଲି ସେ କହିଥିଲେ । ଶ୍ରୀ ବାଲୁ ଭୁବନେଶ୍ୱରରୁ - ପାରାଦ୍ୱୀପ ଭାୟା ଚଣ୍ଡିଖୋଲ ରାସ୍ତା ପାଇଁ ୪୪୦ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ଘୋଷଣା କରିଥିଲେ । ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ କାମ କେନ୍ଦ୍ର ସରକାରଙ୍କ ଦ୍ୱାରା ଗତ ଜାନୁଆରି ମାସରୁ ଆରମ୍ଭ ହୋଇଛି ଓ ପାଣି- କୋଇଲି-ରକ୍ସି ରାସ୍ତା ଆସନ୍ତା ବର୍ଷରୁ ଆରମ୍ଭ ହେବ ବୋଲି ଶ୍ରୀ ବାଲୁ ସୂଚନା ଦେଇଥିଲେ । ଅଧିକାଂଶ ପ୍ରକଳ୍ପ ସଂପର୍କରେ ଶ୍ରୀ ବାଲୁ ଆଇଆର୍‌ସି ଅଧିବେଶନ ଉଦ୍‌ଘାଟନୀ ଉତ୍ସବରେ ଘୋଷଣା କରିଥିଲେ । ଅଧିବେଶନ ଅବସରରେ ଓଡିଶା ଗସ୍ତରେ ଆସିଥିବା କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଡକ୍ଟର ଯାଦବ କେତେକ ନୂଆ ପ୍ରକଳ୍ପ ସହ ବିଭିନ୍ନ ପ୍ରକଳ୍ପର ବ୍ୟୟ ବୃଦ୍ଧି ଉପରେ ଘୋଷଣା କରିଥିଲେ । ଡକ୍ଟର ଯାଦବ ପ୍ରଧାନମନ୍ତ୍ରୀ ଗ୍ରାମ



**ମୁମ୍ବାଇଠାରେ ଫୋର୍ଡ ଫିଏଷ୍ଟା କାର୍ ବଜାରକୁ ଛଡ଼ାଯିବା ପୂର୍ବରୁ ନିଜର ହୋର୍ଡିଂ ସାମନାରେ ନିଜେ ଛିଡ଼ା ହୋଇଛନ୍ତି ଏହାର ବ୍ରାଣ୍ଡ ଆମ୍ବାସଲଡ଼ର୍ ଅଭିଷେକ ବଚ୍ଚନ ।**

ଅନ୍ୟାନ୍ୟ ଖବର

- ୨୦ ଲକ୍ଷ ଟଙ୍କାର ଗଂଜେଇ ଗଛ ଜବତ
- ଲକ୍ଷାଧିକ ଟଙ୍କାର ମଶାମରା ଔଷଧ କଳାବଜାର, ତଦନ୍ତ ଦାବି
- ଅଗ୍ନିକାଣ୍ଡରେ ଦେଢ଼ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ, ୩ ଗିରଫ
- ଅଘଟଣ ସତ୍ତ୍ୱେ ପରମ୍ପରା ବଜାୟ ରହିଲା
- ଏମ୍‌ସିଏଲ୍ ନରମିଲା: ବହିଷ୍କୃତ ୭ କର୍ମଚାରୀଙ୍କୁ ପୁନଃନିଯୁକ୍ତି, ଖଣି କାର୍ଯ୍ୟ ସ୍ୱାଭାବିକ
- ସର୍ବଭାରତୀୟ ସମବାୟ ସପ୍ତାହ ପାଳନ , ରାଜ୍ୟର ସବୁ କ୍ଷେତ୍ରରେ ସମବାୟ ଆନ୍ଦୋଳନ ବିକାଶ କରିଛି: ମନ୍ତ୍ରୀ
- ଭଞ୍ଜନଗର ଅଞ୍ଚଳର ଆଇନ୍ ଶୃଙ୍ଖଳା ପରିସ୍ଥିତି ନେଇ ରାଜଭବନ ଆଗରେ ଧାରଣା
- ଡିସେମ୍ବର ୧୧ରେ 'ଶିଶୁକଲମ' ପକ୍ଷରୁ ରାଜ୍ୟ ସ୍ତରୀୟ ଶିଶୁ ସାହିତ୍ୟିକ ସମାବେଶ
- କିଟ୍‌ରେ ଆମେରିକୀୟ ଇଂରାଜୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ
- ଜୈବ ପ୍ରଯୁକ୍ତି ଅଧ୍ୟାପକଙ୍କ ସ୍ୱତନ୍ତ୍ର ବେତନ ସପକ୍ଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ସଡକ ଯୋଜନାରେ ଓଡିଶାକୁ ଖୁବ୍ ଶୀଘ୍ର ଆଉ ୩୦୦ କୋଟି ଟଙ୍କା ଦିଆଯିବ ବୋଲି ଘୋଷଣା କରିଥିଲେ । ଓଡିଶାରେ ବିଭିନ୍ନ ଗ୍ରାମ ସଡକ ଯୋଜନାରେ ୨୦୦ କୋଟି ଟଙ୍କା ବ୍ୟୟ ହେଉଥିବାବେଳେ ଏହାକୁ ଏବେ ୮୦୦ ରୁ ୯୦୦ କୋଟି ଟଙ୍କାକୁ ବୃଦ୍ଧି କରାଯିବ ବୋଲି ସେ ଘୋଷଣା କରିଥିଲେ । ଅଧିକ ଅର୍ଥ ବ୍ୟୟ ନିମନ୍ତେ ସାମର୍ଥ୍ୟ ବୃଦ୍ଧି ନିମନ୍ତେ ସେ ଗ୍ରାମ ଉନ୍ନୟନ ବିଭାଗ ଅଧିକରେ ଆଉ ଚାରିଟି ନୂଆ ଅଧିକ୍ଷଣ ଯନ୍ତ୍ରୀ ଡିଭିଜନ୍ ସୃଷ୍ଟି ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ସରକାର ବ୍ୟୟ କ୍ଷମତା ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ସଂପୂର୍ଣ ପରିମଳ ଅଭିଯାନ ଅନ୍ତର୍ଗତ ଗ୍ରାମାଞ୍ଚଳ ପାଇଖାନା ଯୋଜନାରେ କେନ୍ଦ୍ର ସରକାର ରାଜ୍ୟକୁ ଆଉ ୩୫୦ କୋଟି ଟଙ୍କା ଦେବେ । ପୂର୍ବରୁ କେନ୍ଦ୍ର ୬୫୦ କୋଟି ଟଙ୍କା ଦେବା ପାଇଁ ଯୋଜନା କରାଯାଇଥିଲା । ୨୦୦୬ ମଧ୍ୟରେ ରାଜ୍ୟର ସବୁ ବିଦ୍ୟାଳୟକୁ ପାନୀୟ ଜଳ ବ୍ୟବସ୍ଥା ଓ ୨୦୧୫ ମଧ୍ୟରେ ଗ୍ରାମାଞ୍ଚଳରେ ସବୁ ଘରେ ପାଇଖାନା ନିର୍ମାଣ କରାଯିବା ଉପରେ ଡକ୍ଟର ଯାଦବ ସୂଚନା ଦେଇଛନ୍ତି । ଭାରତ ନିର୍ମାଣ ଯୋଜନାରେ ସବୁ ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଯୋଜନା କରାଯାଇଛି । ଓଡିଶାରେ ଏହି ଯୋଜନାରେ ଆସନ୍ତା ତିନି ବର୍ଷରେ ୨୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଡକ୍ଟର ଯାଦବ ଅଧିବେଶନ ଅବସରରେ ସୂଚନା ଦେଇଥିଲେ । ଯେଉଁ ରାଜ୍ୟ ଅଧିବେଶନର ଆୟୋଜନ କରେ ସେହି ରାଜ୍ୟର ସମସ୍ୟା ବିଶେଷ ଭାବେ ଅନୁଧ୍ୟାନ ହେବା ସହ ସେଠାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବହୁ ନୂଆ ପ୍ରକଳ୍ପ ହାତକୁ ନିଆଯାଇଥାଏ ବୋଲି ପୂର୍ତ୍ତ ବିଭାଗ ଶାସନ ସଚିବ ଇଂ. ରତ୍ନାକର ଦାସ କହିଛନ୍ତି । ପାଞ୍ଚ ଦିନିଆ ଭୁବନେଶ୍ୱର ଅଧିବେଶନରେ ସଡକ ଓ ସେତୁ ଉପରେ ୬ଟି କରି ସ୍ୱତନ୍ତ୍ର ଆଲୋଚନା ହୋଇଥିବାବେଳେ ୧୫ଟି ଗବେଷଣା ପେପର ଉପସ୍ଥାପନ କରାଯାଇଥିଲା । ଏଥିରେ କଂଗ୍ରେସର ୧୫୪୬ ଜଣ ସଭ୍ୟ ଯୋଗ ଦେଇଥିଲେ । ୧୨ଟି ବାହାର ଦେଶର ୨୪ ଜଣ ପ୍ରତିନିଧି ଏଥିରେ ଯୋଗ ଦେଇ ସଡକ ଓ ସେତୁ ନିର୍ମାଣରେ ପ୍ରୟୋଗ କରାଯାଉଥିବା ଆଧୁନିକ ଜ୍ଞାନ କୌଶଳ ଉପରେ ଆଲୋଚନା କରିଥିଲେ । 'ସେତୁ ପୁନରୁଦ୍ଧାର' ଉପରେ ଓଡିଶାର ଏକ ପ୍ରବନ୍ଧ ଏଥିରେ ଆଲୋଚିତ ହୋଇଥିଲା । ପୂର୍ତ୍ତ ସଚିବ ଆର୍.କେ. ଦାସ ଓ ମୁଖ୍ୟମନ୍ତ୍ରୀ ଏନ୍.କେ. ପ୍ରଧାନଙ୍କ ଦ୍ୱାରା ଏହା ପ୍ରସ୍ତୁତ ହୋଇଥିଲା । ଆଇଆର୍‌ସିର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ୬୭ତମ ଅଧିବେଶନ ଚଣ୍ଡିଗଡରେ ଅନୁଷ୍ଠିତ ହେବ ବୋଲି ଉଦ୍‌ଯାପନୀ ଉତ୍ସବରେ ଘୋଷଣା କରାଯାଇଛି । ଆଗାମୀ ବର୍ଷ ପାଇଁ ଆଇଆର୍ସିର ସଭାପତି ଭାବେ ଉତ୍ତର ପ୍ରଦେଶ ମୁଖ୍ୟ ଯନ୍ତ୍ରୀ ତ୍ରିଭୁବନ ରାମ ନିର୍ବାଚିତ ହୋଇଥିବାବେଳେ ୪ ଜଣ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଏମାନେ ହେଲେ ଇନ୍ଦୁ ପ୍ରକାଶ, ରତ୍ନାକର ଦାସ (ଓଡିଶା ପୂର୍ତ୍ତ ସଚିବ), ଭି.ଏସ୍. କରାଣ୍ଡି ଓ ରଣବୀର ଉପଲ । ଆର୍.ଏସ୍. ଶର୍ମା ପୂର୍ବ ଭଳି ମହାସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଓଡିଶାରୁ ବିମଳ ଚନ୍ଦ୍ର ଦାସ, ବିଜନ କୁମାର ବେହେରା ଓ ଭରତଚନ୍ଦ୍ର ପ୍ରଧାନ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ କଂଗ୍ରେସକୁ ନିର୍ବାଚିତ ହୋଇଛନ୍ତି ।

ପୂର୍ବପୃଷ୍ଠା

- କାମ ପାଇଁ ଦିଲ୍ଲୀ ଯାଇଥିବା ୫ଜଣ ଯୁବକଙ୍କ ପତ୍ତା ନାହିଁ
- ସତ୍ୟମ୍ ହତ୍ୟା ମାମଲାରେ ଆଉ ତିନି ଜଣ ଗିରଫ
- 'କାଳଫାଶ' ସମ୍ବାଦପତ୍ର କାର୍ଯ୍ୟାଳୟରେ ଦୁର୍ବୃତ୍ତଙ୍କ ଅଗ୍ନିକାଣ୍ଡ
- ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଅନ୍ଧାରରେ




Copyright © 2001 orissasambad.com

Site Developed by : www.wayindia.com